# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 4 March - 2025

### News Editor : Tapan Kumar Moharana

*********************************

## ମୁଖ୍ୟ ସମ୍ବାଦ

- ନିରନ୍ତର ପ୍ରୟାସ ଯୋଗୁଁ ଭାରତ ଏକ ଅଭିବୃଦ୍ଧିଶୀଳ ଅର୍ଥନୀତିରେ ପରିଣତ ହୋଇପାରିଛି ବୋଲି କହିଲେ, ପ୍ରଧାନମନ୍ତ୍ରୀ
- ବିଭିନ୍ନ ପଦବୀରେ ନିଯୁକ୍ତି ପାଇଁ ଶାରୀରିକ ପରୀକ୍ଷା ସମୟରେ ଦୁଇଜଣଙ୍କ ମୃତ୍ୟୁ ଘଟଣାରେ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତାରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ
- ମେଦବହୁଳତାର କାରଣ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଜନସଚେତନତା ବୃଦ୍ଧି ଲକ୍ଷ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ମେଦବହୁଳତା ଦିବସ

ଏବଂ

- ଫାଲଗୁନ ଶୁକ୍ଳ ଷଷ୍ଠୀ ତିଥି ଅବସରରେ ଆସନ୍ତାକାଲି ପୁରୀରେ ଶ୍ରୀଜୀଉଙ୍କର ହେବ ବନକଲାଗି ନୀତି

# ପିଏମ୍-ୱେବିନାର

ଆତ୍ମନିର୍ଭର ଭାରତର ଲକ୍ଷ୍ୟ ନେଇ ସରକାର କାର୍ଯ୍ୟ କରୁଛନ୍ତି ଏବଂ ସଂସ୍କାରର ଗତିକୁ ତ୍ୱରାନ୍ୱିତ କରାଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଗତ ୧୦ ବର୍ଷ ମଧ୍ୟରେ ସଂସ୍କାର, ଆର୍ଥିକ ଶୃଙ୍ଖଳା, ସ୍ୱଚ୍ଛତା ଏବଂ ସମାବେଶୀ ଅଭିବୃଦ୍ଧି ପାଇଁ ଦେଶ କ୍ରମାଗତ ଭାବରେ ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ଆଜି ବଜେଟ୍ ପରବର୍ତ୍ତୀ ୱେବିନାର୍‌କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଦେଶ ଅଭିବୃଦ୍ଧି, ଉତ୍ପାଦନ, ରପ୍ତାନୀ ଏବଂ ପରମାଣୁ ଶକ୍ତିର ଇଞ୍ଜିନ ଭାବରେ ଉଭା ହୋଇଛି ।

ପ୍ରଧାନମନ୍ତ୍ରୀ କହିଛନ୍ତି ସରକାରଙ୍କ ନିରନ୍ତର ପ୍ରୟାସ ଯୋଗୁଁ କୋଭିଡର ପ୍ରଭାବ ଆମ ଅର୍ଥନୀତିକୁ ଅଧିକ କ୍ଷତି ପହଞ୍ଚାଇ ପାରିନାହିଁ, ଯାହାଫଳରେ ଭାରତ ଏକ ଅଭିବୃଦ୍ଧିଶୀଳ ଅର୍ଥନୀତିରେ ପରିଣତ ହୋଇଛି । ସେ କହିଛନ୍ତି ବିଶ୍ୱର ବିଭିନ୍ନ ଦେଶ ଭାରତ ସହିତ ସେମାନଙ୍କର ଅର୍ଥନୈତିକ ଭାଗିଦାରୀକୁ ସୁଦୃଢ଼ କରିବାକୁ ଚାହୁଁଛନ୍ତି । ଅର୍ଥନୀତିରେ MSMEର ଗୁରୁତ୍ୱ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଏହା ବଡ଼ ପରିବର୍ତ୍ତନୀକାରୀର ଭୂମିକା ଗ୍ରହଣ କରିଛନ୍ତି ।

# ଇସିଆଇ-କନ୍‌ଫରେନ୍ସ

ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନେଇ  ଏକ ଦୁଇଦିନିଆ ବୈଠକ ଆଜିଠାରୁ ଆରମ୍ଭ

ହୋଇଛି।  ନୂଆଦିଲ୍ଲୀଠାରେ ଚାଲିଥିବା ଏହି ବୈଠକରେ ନିର୍ବାଚନ ପରିଚାଳନାରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ଉପଯୋଗ ଏବଂ ଏ କ୍ଷେତ୍ରରେ ରହିଥିବା ଆହ୍ୱାନ ଗୁଡ଼ିକର ତ୍ୱରିତ ସମାଧାନ ଲକ୍ଷ୍ୟ ନେଇ ଆଲୋଚନା କରାଯାଉଛି। ଜ୍ଞାନେଶ କୁମାର ଦେଶର ମୁଖ୍ୟ ନିର୍ବାଚନ ଆୟୁକ୍ତ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ହେଉଛି ତାଙ୍କର ପ୍ରଥମ ବୈଠକ। ନିର୍ବାଚନ ପରିଚାଳନାରେ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳଗୁଡ଼ିକରେ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକୁ ନେଇ ଅଭିଜ୍ଞତା ଉପରେ ବୈଠକରେ ମତ ବିନିମୟ ହେବ।  ଅନୁଭୂତିରୁ ପାରସ୍ପରିକ ଶିକ୍ଷା ପାଇଁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କ ପାଇଁ ଏହା ଏକ ମଞ୍ଚ ପ୍ରଦାନ କରିବ ବୋଲି ଆଶା କରାଯାଉଛି ।

## ମୁଖ୍ୟମନ୍ତ୍ରୀ-ସହାୟତା ରାଶି

ରାଜ୍ୟରେ ଫରେଷ୍ଟର, ଫରେଷ୍ଟଗାର୍ଡ ଏବଂ ଲାଇଭ୍‌ଷ୍ଟକ୍ ଇନ୍ସପେକ୍ଟର ପଦବୀରେ ନିଯୁକ୍ତି ପାଇଁ ଶାରୀରିକ ପରୀକ୍ଷା ସମୟରେ ଦୁଇଜଣଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେମାନଙ୍କ ପରିବାରବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ସମବେଦନା ଜ୍ଞାପନ କରିବା ସହ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହୟତା ରାଶି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଏହି ସହାୟତା ରାଶି ସେମାନଙ୍କ ନିକଟ ସମ୍ପର୍କିୟଙ୍କୁ ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ଶାରୀରିକ ପରୀକ୍ଷା ସମୟରେ କେନ୍ଦୁଝର ଏବଂ ସୁନ୍ଦରଗଡ଼ର ଜଣେ ଲେଖାଏଁ ପରୀକ୍ଷାର୍ଥୀଙ୍କ ମୃତ୍ୟୁ ହୋଇଥିଲା।

## ଏନ୍‌ଏଚ୍‌ଆରସି

ଭୁବନେଶ୍ୱରରର ଏକ ଘରୋଇ ବିଶ୍ୱିଦ୍ୟାଳୟରେ ନେପାଳୀ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାର କ୍ଷେତ୍ରୀୟ ତଦନ୍ତ ପାଇଁ ଜାତୀୟ ମାନବାଧିକାର ଆୟୋଗ- ଏନ୍.ଏଚ୍.ଆର.ସି ନିର୍ଦ୍ଦେଶ ଦେଇଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଆୟୋଗ ଏହି ନିର୍ଦ୍ଦେଶ ଦେବା ସହ ଏକ ତଦନ୍ତ କମିଟି ଗଠନ କରିଛନ୍ତି। କ୍ଷେତ୍ରୀୟ ତଦନ୍ତ ଶେଷ କରି ଆସନ୍ତା ୧୦ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କମିଟିକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ

ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଆସନ୍ତା ୮ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବ୍ରହ୍ମପୁର ଗସ୍ତରେ ଯାଇ ଏକ ଜନସଭାରେ ଯୋଗଦେବେ । ସେହିଦିନ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ଅର୍ଥ ମୁଖ୍ୟମନ୍ତ୍ରୀ ହିତାଧିକାରୀଙ୍କୁ ପ୍ରଦାନ କରିବାର କାର୍ଯ୍ୟସୂଚୀ ରହିଛି। ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଧାୟକ କେ. ଅନୀଲ କୁମାର, ଡକ୍ଟର ସିଦ୍ଧାନ୍ତ ମହାପାତ୍ର ଏବଂ ଜିଲ୍ଲାପାଳ ଓ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ଗତକାଲି କ୍ଷେତ୍ର ପରିଦର୍ଶନ କରି ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବର ପ୍ରସ୍ତୁତି ନେଇ ସମୀକ୍ଷା କରିଥିଲେ।

## ଏସ୍‌ଆଇଟି ବୈଠକ

କଳାଧନ ସଂକ୍ରାନ୍ତରେ ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ କମିଟି ଏସ୍‌ଆଇଟି ବୈଠକ ଆସନ୍ତା ୮ ତାରିଖ ଦିନ ଅନୁଷ୍ଠିତ ହେବ ।

ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ତଥା ଏସ୍‌ଆଇଟିର ଉପାଧ୍ୟକ୍ଷ ଜଷ୍ଟିସ ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ କଟକରେ ବୈଠକ ହେବ ବୋଲି ଜଣାପଡ଼ିଛି ।

## ବିଲ୍ ଦାଖଲ ଅବଧି

୨୦୨୪-୨୫ ଆର୍ଥିକବର୍ଷ ନିମନ୍ତେ ଆର୍ଥିକ କାରବାର ବିଲ୍ ଦାଖଲ ଅବଧିକୁ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏହି ସମୟ ମଧ୍ୟରେ ବଜେଟରେ ମଂଜୁର ହୋଇଥିବା ବ୍ୟୟ ବରାଦ ଖର୍ଚ୍ଚ କରିବା ସହ ଆର୍ଥିକ କାରବାର ପ୍ରକ୍ରିୟା ଶେଷ କରିବାକୁ ଅର୍ଥ ବିଭାଗ ପକ୍ଷରୁ ସମସ୍ତ ବିଭାଗକୁ ଅବଗତ କରାଯାଇଛି ।

### ବିଶ୍ୱ ମେଦବହୁଳତା ଦିବସ

ମେଦ ବହୁଳତାର କାରଣ ଏବଂ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଜନସଚେତନତା ବୃଦ୍ଧି ଲକ୍ଷ୍ୟରେ ଆଜି ବିଶ୍ୱ ମେଦବହୁଳତା ଦିବସ ପାଳନ କରାଯାଉଛି। ୨୦୨୦ ମସିହାରୁ ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୪ ତାରିଖରେ ଏହି ଦିବସ ପାଳିତ ହୋଇଆସୁଛି। ଚଳିତବର୍ଷର ବିଷୟବସ୍ତୁ ରହିଛି- ‘ପରିବର୍ତ୍ତିତ ପରିସ୍ଥିତି ଏବଂ ସ୍ୱାସ୍ଥ୍ୟକର ଜୀବନ’। ଜୀବନଶୈଳୀରେ ପରିବର୍ତ୍ତନ ଏବଂ ଆହ୍ୱାନଗୁଡ଼ିକର ମୁକାବିଲା ସହିତ ସୁସ୍ଥ ଜୀବନ ଅତିବାହିତ କରିବାକୁ ଏହି ବିଷୟବସ୍ତୁ ପ୍ରତିପାଦନ କରୁଛି। ମେଦବହୁଳତା ଏକ ରୋଗ ନହେଲେ ମଧ୍ୟ ଏହା ବହୁ ରୋଗର ମୂଳ କାରଣ ଭାବେ ଚିହ୍ନଟ କରାଯାଇଛି। ଏ ସମ୍ପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ଆଜି ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି।

## ଷ୍ଟାଡିୟମ୍ ନିର୍ମାଣ

ରାଜ୍ୟରେ କ୍ରୀଡା ପ୍ରତିଭାର ବିକାଶ ଲକ୍ଷ୍ୟ ନେଇ ବ୍ଲକ୍‌ସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଛି ବୋଲି କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଗତକାଲି ଅନୁଷ୍ଠିତ କ୍ରୀଡା ଓ ଯୁବସେବା ବିଭାଗର ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସୂରଜ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ବ୍ଲକ୍‌ସ୍ତରରେ ଷ୍ଟାଡିୟମ୍ ନିର୍ମାଣ ପାଇଁ ୪ ହଜାର ୧୨୪ କୋଟି ଟଙ୍କାର ବ୍ୟୟ ଅଟ୍ଟକଳ କରାଯାଇଛି। ଷ୍ଟାଡିୟମ୍ ନିର୍ମାଣ ସମ୍ବନ୍ଧୀୟ ମାଷ୍ଟରପ୍ଲାନ୍ ସମୀକ୍ଷା କରିବା ଅବସରରେ ମନ୍ତ୍ରୀ ଶ୍ରୀ ସୂରଜ ତୃଣମୂଳ ସ୍ତରରେ କ୍ରୀଡାର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। କ୍ରୀଡା ପ୍ରତିଭାର ବିକାଶ ଲକ୍ଷ୍ୟ ନେଇ ସିଏମ୍ ଟ୍ରଫି ପ୍ରତିଯୋଗିତାର ଆୟୋଜନ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି। ଏହି ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମାଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ।

## ନିଯୁକ୍ତିମେଳା

ରାଜ୍ୟ ଦକ୍ଷତାବିକାଶ ପ୍ରାଧିକରଣ ଏବଂ ପୁରୀ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ନିଯୁକ୍ତି ମେଳା ଆସନ୍ତା ୭ ତାରିଖରେ ଅନୁଷ୍ଠିତ ହେବ। ତାଳବଣିଆ ଆଇ.ଟି.ଆଇ ଖେଳପଡିଆଠାରେ ପୂର୍ବାହ୍ଣ ୯ଟାରେ ଏହି ନିଯୁକ୍ତିମେଳା ଆୟୋଜନ କରାଯିବ ବୋଲି ଜିଲ୍ଲା ନିୟୋଜନ ଅଧିକାରୀଙ୍କ ସୂତ୍ରରୁ ସୂଚନା ମିଳିଛି। ଏଥିରେ ରାଜ୍ୟ ଏବଂ ରାଜ୍ୟ ବାହାରର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ୫୦ରୁ ଅଧିକ ନିଯୁକ୍ତିଦାତା ସଂସ୍ଥା ଯୋଗଦେଇ ଆଶାୟୀ କୁଶଳୀ ଏବଂ

ଅଣକୁଶଳୀ ପ୍ରାର୍ଥୀଙ୍କୁ ଚୟନ କରିବେ । ୧୮ ରୁ ୩୫ ବର୍ଷ ମଧ୍ୟରେ ପଞ୍ଚମ ଶ୍ରେଣୀଠାରୁ ସ୍ନାତକ ଏବଂ  ଆଇ.ଟି.ଆଇ. ଓ ଡିପ୍ଲୋମା ପାଠ୍ୟକ୍ରମ ଶେଷ କରିଥିବା ଛାତ୍ରଛାତ୍ରୀ ଏହି ମେଳାରେ ଆବଶ୍ୟକ କାଗଜପତ୍ର ସହ ଉପସ୍ଥିତ ରହିବା ପାଇଁ ପରାମର୍ଶ ଦିଆଯାଇଛି ।

## ସଚେତନତା ସଭା

ସୁବର୍ଣ୍ଣପୁର ଜିଲ୍ଲା ସ୍ୱଳ୍ପ ସଂଚୟ ବିଭାଗ ପକ୍ଷରୁ ଆର୍ଥିକ ଅନ୍ତର୍ଭୁକ୍ତିକରଣ ତଥା ସାକ୍ଷରତା ସମ୍ପର୍କିତ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଛି । ସାଗରପାଲ୍ଲୀଠାରେ ଅନୁଷ୍ଠିତ ଏହି ସଭାରେ ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ ମଂଗଳ ପ୍ରଧାନ ଆର୍ଥିକ ଆନ୍ତର୍ଭୁକ୍ତିକରଣ ଏବଂ ସାକ୍ଷରତାର ଆବଶ୍ୟକତା ଓ ଉପାଦେୟ ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ, ଆର୍ଥିକ ଅନ୍ତର୍ଭୁକ୍ତକରଣରେ ମହିଳାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସାଇବର ଠକେଇ ପ୍ରତି ସତର୍କ ରହିବା ନେଇ ସଭାରେ ଉପସ୍ଥିତ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି ।

## ବନକଲାଗି

ଫାଲଗୁନ ଶୁକ୍ଳଷଷ୍ଠୀ ତିଥି ଅବସରରେ ଆସନ୍ତାକାଲି ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ । ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ଏହି ନୀତିକାନ୍ତି ଆରମ୍ଭ ହେବ । ଏଥିପାଇଁ ପାଖାପାଖି ଅପରାହ୍ଣ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

## ଚାଷୀ ସଚେତନତା

**ଭଦ୍ରକ** ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ୍ କୁରିଗାଁ ପଞ୍ଚାୟତଠାରେ ଏକ ଚାଷୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଦକ୍ଷତାବିକାଶ ଓ ପ୍ରଶିକ୍ଷଣ ମିଶନ ଯୋଜନା ଅଧିନରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୃଷି ଅଧିକାରୀ, ସରପଞ୍ଚ, ଉଦ୍ୟାନ ବିଭାଗ ଅଧିକାରୀ ପ୍ରମୁଖ ଯୋଗଦେଇ ଉଦ୍ୟାନ କୃଷି ଉନ୍ନୟନ ଯୋଜନାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏହି ଯୋଜନା ଅଧୀନରେ ବିଭିନ୍ନ ଚାଷ ଦ୍ୱାରା ଆତ୍ମନିର୍ଭରଶୀଳ ହେବା ସହ ଆର୍ଥିକ କ୍ଷେତ୍ରକୁ ସୁଦୃଢ଼ କରିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି ।

## ଜାତୀୟ ସଂହତି ଶିବିର

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବିଜୁ ପଟ୍ଟନାୟକ ଅଡିଟୋରିୟମ୍‌ଠାରେ ୭ ଦିନିଆ ଜାତୀୟ ସଂହତି ଶିବିର ଗତକାଲିଠାରୁ ଆରମ୍ଭ ହୋଇଛି । ଏନ୍‌ଏସ୍‌ଏସ୍ ବ୍ୟୁରୋ ତଥା କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ଜୟନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟିନୀ ସମାରୋହରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଯୋଗଦେଇ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମକୁ ଉଚ୍ଚପ୍ରଶଂସା କରିଥିଲେ । ସମ୍ମାନୀତ ଅତିଥି ଭାବେ ଯୋଗଦେଇ ରାଜ୍ୟ ଜାତୀୟ ସେବା ଯୋଜନା ଅଧିକାରୀ ତଥା ଉଚ୍ଚଶିକ୍ଷା ବିଭାଗର ଉପଶାସନ ସଚିବ ଡକ୍ଟର ରମେଶ ଚନ୍ଦ୍ର ବେହେରା କହିଥିଲେ ଏଭଳି କାର୍ଯ୍ୟକ୍ରମ ସ୍ଥାନୀୟ କଳା ଓ ସଂସ୍କୃତି ଉପରେ ମତ ବିନିମୟର ଏକ ଉତ୍କୃଷ୍ଟ ମଂଚ ହୋଇପାରିଛି । ଏହି ଶିବିରରେ ରାଜ୍ୟର ୨୨ଟି ବିଶ୍ୱବିଦ୍ୟାଳୟ

ଏବଂ ରାଜ୍ୟ ବାହାରର ୧୪ଟି ବିଶ୍ୱବିଦ୍ୟାଳୟର ୨୫୦ ଜଣ ସ୍ୱେଚ୍ଛାସେବୀ, କାର୍ଯ୍ୟକ୍ରମ ଅଧିକାରୀ, କଲେଜ୍‌ର ଅଧ୍ୟକ୍ଷ ଏବଂ ପୂର୍ବତନ ସଂଯୋଜକ ପ୍ରମୁଖ ଯୋଗ ଦେଇଛନ୍ତି।

## ପାଞ୍ଚଆମ୍ବ-ଚନ୍ଦ୍ରଗିରିକୁ ତୀବ୍ବତୀୟ

**ଗଜପତି** ଜିଲ୍ଲା ମୋହନା ବ୍ଲକ୍ ଅନ୍ତର୍ଗତ ପାଞ୍ଚଆମ୍ବ-ଚନ୍ଦ୍ରଗିରିକୁ  ତୀବ୍ବତୀୟଙ୍କ ଆଗମନର ୬୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଛି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରରେ ଚନ୍ଦ୍ରଗିରି ତୀବ୍ବତୀୟ ଥଇଥାନ ଅଧିକାରୀ ଖେନ୍‌ପାପେମା ଟେମ୍ପଲ୍‌ଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସାଂସଦ ସୁଜିତ୍ କୁମାର ଭାରତ-ତିବ୍ବତ୍ ନିବିଡ ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ବିଧାୟକ ଦାଶରଥୀ ଗମାଙ୍ଗ ପ୍ରମୁଖ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ୧୯୬୩ ମସିହାରେ ତୀବ୍ବତୀୟମାନେ ପାଞ୍ଚଆମ୍ବ ଚନ୍ଦ୍ରଗିରିକୁ ଶରଣାର୍ଥୀ ଭାବେ ଆସିଥିଲେ।